# ସେନା ବିରୋଧୀ ଏଫ୍ଆଇଆର୍ ଉପରେ ରୋକ୍

**ନୂଆଦିଲ୍ଲୀ, ୧୨।୨/ଏଜେନ୍ସି:**

ଜମ୍ମୁ-କଶ୍ମୀରର ସୋପିଆନ୍ ଗୁଳିକାଣ୍ଡ ଘଟଣାକୁ ନେଇ ସେନାବାହିନୀର ମେଜର ଆଦିତ୍ୟ ଓ ଅନ୍ୟ ଯବାନଙ୍କ ବିରୋଧରେ ରୁଜୁ ହୋଇଥିବା ଏଫ୍ଆଇଆର୍ ପରେ ଆଜି ସୁପ୍ରିମକୋର୍ଟ ରୋକ ଲଗାଇଛନ୍ତି। ଏଥିସହ କୋର୍ଟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଏ ସଂକ୍ରାନ୍ତରେ ରିପୋର୍ଟ ତଲବ କରିଛନ୍ତି। ସୋପିଆନ୍ ଗୁଳିକାଣ୍ଡ ଘଟଣାରେ ୩ ଜଣ ପଥର ଫିଙ୍ଗାଳିଙ୍କ ମୃତ୍ୟୁ ହେବାପରେ ଜମ୍ମୁ-କଶ୍ମୀର ପୁଲିସ୍ ସେନା ବାହିନୀର ମେଜର ଆଦିତ୍ୟ ଓ ତାଙ୍କ ୟୁନିଟ୍‌ର ଯବାନଙ୍କ ବିରୋଧରେ ଏଫ୍ଆଇଆର୍ ରୁଜୁ କରିଥିଲା। ଏହାକୁ ବିରୋଧ କରି ମେଜର୍ ଆଦିତ୍ୟଙ୍କ ବାପା ଲ୍ୟୁଟ୍‌ନାଣ୍ଟ୍ କର୍ଣ୍ଣେଲ୍ କରମବୀର ସିଂହ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆଜି ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ରଙ୍କ ନେତୃତ୍ୱରେ ଜଷ୍ଟିସ୍ ଏମ୍ ଖାନୱିଲକର ଓ ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରିଥିଲେ। ଶୁଣାଣି ବେଳେ ଖଣ୍ଡପୀଠ ଜମ୍ମୁ-କଶ୍ମୀର ପୁଲିସ୍ କେଉଁ ଆଧାରରେ ଏଫ୍ଆଇଆର୍ କଲେ ବୋଲି ପ୍ରଶ୍ନ କରିଥିଲେ। ହେଲେ ଏନେଇ କୌଣସି ସନ୍ତୋଷଜନକ ଉତ୍ତର ମିଳି ନଥିଲା। ଫଳରେ ଖଣ୍ଡପୀଠ ପୁଲିସ୍ ରୁଜୁ କରିଥିବା ଏଫ୍ଆଇଆର୍ ଉପରେ ରହିତାଦେଶ ଜାରି କରିବା ସହ ମେଜର ଆଦିତ୍ୟ କିମ୍ବା ତାଙ୍କ ୟୁନିଟ୍‌ର ▶▶ ୭